# ଛୋଟରୁ ବଡ

କବି:ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି

ଶ୍ରେଣୀ:ସପ୍ତମ

ପ୍ରଥମ ଦିନ

**SUB-CONCEPTS:**ଛୋଟ ଭିତରେ ଅଧିକ ସମ୍ଭାବନା ଥାଏ ।

**GENERAL OBJECTIVES(ସାଧାରଣ ଆଭିମୁଖ୍ୟ):** କବି ଜାନକୀ ବଲ୍ଲଭ ମହାନ୍ତିଙ୍କ ଦ୍ଵାରା ରଚିତ 'ଛୋଟରୁ ବଡ' କବିତାରେ କ୍ଷୁଦ୍ର ଭିତରେ କିପରି ବିରାଟତ୍ୱ ଲୁଚି ରହିଛି ଏବଂ ଏହି ବିରାଟତ୍ୱ ସନ୍ଧାନରେ କିପରି ପ୍ରସ୍ତୁତ ହେବା,ତାହା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ଦିଆଯିବ ।

**SPECIFIC OBJECTIVES(ବିଶେଷ ଆଭିମୁଖ୍ୟ):** କ୍ଷୁଦ୍ର ଭିତରେ ବିରାଟତ୍ୱର କଥା ବର୍ଣ୍ଣନା ,ଭାଷାଜ୍ଞାନ ଅଭିବୃଦ୍ଧି, ନିର୍ଭୁଲ ଲିଖନ,କବିତା ପଠନ ଦକ୍ଷତାର ବିକାଶ,ବ୍ୟାକରଣଗତ ଶବ୍ଦ  ଏବଂ ନୂତନ ଶବ୍ଦାବଳୀ ସଂପର୍କିତ ଜ୍ଞାନ ବିଷୟରେ ଜଣାଇବା ।

## ପ୍ରାରମ୍ଭିକ ସୂଚନା ଓ କେତୋଟି ସାଧାରଣ ପ୍ରଶ୍ନ :

୧.ରାମାୟଣରେ ଗୁଣ୍ଡିଚିମୂଷା କି କାମ କରି ପ୍ରଶଂସା ଲାଭ କରିଥିଲା ?
୨.ଆଜିର ଶିଶୁ କାଲିର ନାଗରିକ-ବୁଝାଇ ଦିଅ ?
୩.ଆମେ କାହାକୁ ହେୟ ମନେ କରିବା ଉଚିତ କି ?

# LEARNING OUT COME:

- ଛୋଟ ଭିତରେ ବିରାଟତ୍ୱର ସନ୍ଧାନ ।
- କ୍ଷୁଦ୍ରକୁ କେବେ ହେୟ ମନେକରିବା ଉଚିତ ନୁହଁ ।
- ଶକ୍ତିଶାଳୀ ସବୁବେଳେ ମହତ୍ତର ହୋଇପାରେ ନି ।
- ସାମାଜିକ ମୂଲ୍ୟବୋଧ ସମ୍ପର୍କିତ ଶିକ୍ଷା ସମାଜ ପାଇଁ ଜରୁରୀ ।
- ପ୍ରତି ମନରେ ନୂତନ ଚେତନା ଜାଗ୍ରତ କରିବା ।

# କବି ପରିଚୟ:
# ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି (ଭାରଦ୍ୱାଜ)

- ବିଶିଷ୍ଟ ଆଧୁନିକ କବି,ସମାଲୋଚକ,ଗାଳ୍ପିକ ଓ ଶିଶୁ ସାହିତ୍ୟିକ ।
- ପିଲାମାନଙ୍କ ପାଇଁ ଅନେକ କାହାଣୀ,ଗଳ୍ପ ଓ କବିତା ଲେଖିଛନ୍ତି ।
- ସାମାଜିକ ମୂଲ୍ୟ ବୁଝି ନୂତନ ଚେତନାରେ ଆଗେଇ ଯିବାକୁ ଯୁବ ଗୋଷ୍ଠୀକୁ ସେ ଆହ୍ୱାନ କରିଛନ୍ତି ।



କାନନେ ଫୁଟି ଛୋଟ ଫୁଲଟି
ବିତରି ଯାଏ ବାସ
ଛୋଟ କୂଅଟି ଯୋଗାଏ ଜଳ
ଲୋକେ ବରଷ ମାସ ।୧।



**ଶବ୍ଦାର୍ଥ:**

କାନନେ-ବଣରେ
ବିତରି-ବାଣ୍ଟି

**ପ୍ରତିଶବ୍ଦ:**

କାନନ-ବଣ,ଜଙ୍ଗଲ
ଜଳ-ଜୀବନ,ନୀର
ଫୁଲ-ସୁମନ,ପୁଷ୍ପ

**ବିପରୀତ ଶବ୍ଦ:**

ଛୋଟ-ବଡ

**ପଦ୍ୟରୂପ:**

ବରଷ-ବର୍ଷ

- # ଭାବାର୍ଥ:

- ବନ-ଉପବନରେ କଢ ଅବସ୍ଥାରେ ଥିବା ଛୋଟ ଫୁଲଟି ଦିନେ ତାର ସୁମଧୁର ସୁରଭିରେ ଚାରିଆଡ ମହକାଇଥାଏ ।

- କୂଅଟି ଅଳ୍ପ କିଛି ପାଣି ଧାରଣ କରିଥିଲେ ମଧ ବର୍ଷ ବର୍ଷ ଧରି ଲୋକମାନଙ୍କୁ ଜଳ ଯୋଗାଇଥାଏ ।

# ଗୃହକର୍ମ:

କବିତାଟିକୁ ଭଲ ଭାବେ ପଢ଼ି କଠିନ ଶବ୍ଦ ଲେଖ ।

# THANKING YOU

# ODM EDUCATIONAL GROUP